अनन्त कृपाशील , अपार दयामय अल्लाहङ्क नामरे प्रारम्भ ।

# ଇସଲାମର ଧର୍ମପ୍ରଚାରକ /ନବି / ରସୁଲ ମୁହମ୍ମଦ ସଲ୍ଲଲ୍ଲାହୁ ଅଲୈହି ଓ ସଲ୍ଲମ୍ ।

ଇସଲାମର ଧର୍ମପ୍ରଚାରକ /ନବି / ରସୁଲ ମୁହମ୍ମଦ (ସଲ୍ଲଲ୍ଲାହୁ ଅଲୈହି ଓ ସଲ୍ଲମ୍) ଙ୍କର ଏକ ସଂକ୍ଷିପ୍ତ ସମୀକ୍ଷା, ଯେଉଁଥିରେ ମୁଁ ତାଙ୍କ ନାମ, ବଂଶ, ଦେଶ, ବିବାହ, ବାର୍ତ୍ତା, ସେ ଯାହା ଆହ୍ୱାନ କରିଛନ୍ତି, ନବି ହେବାର ଚିହ୍ନ, ତାଙ୍କ ନିୟମ, ଏବଂ ତାଙ୍କ ପ୍ରତି ବିରୋଧୀଙ୍କ ଆଭିମୁଖ୍ୟ ଇତ୍ୟାଦି ବିଷୟରେ ଆଲୋଚନା କରିଛି ।[1]

# ୧) ତାଙ୍କର(ସ.ଅ) ନାମ, ବଂଶ, ଏବଂ ସହର ଯେଉଁଠାରେ ସେ ଜନ୍ମ ହୋଇଥିଲେ ଏବଂ ବଢିଥିଲେ ।

ନବି ମୁହମ୍ମଦ ବିନ୍ ଅବଦୁଲ୍ଲାହ ବିନ୍ ଅବଦୁଲ ମୋତ୍ତଲିବ ବିନ୍ ହାସିମ୍ ଅଟନ୍ତି , ଯିଏ କି ଇସମାଇଲ ବିନ୍ ଇବ୍ରାହୀମଙ୍କ ବଂଶଧର ଅଟନ୍ତି ।ଏହାର କାରଣ ହେଉଛି , ଅଲ୍ଲାହଙ୍କ ନବି ଇବ୍ରାହୀମ୍ (ଅ. ସ) ଶାମ୍ ସହରରୁ ମକ୍କାହ ଆସିଲେ ଏବଂ ତାଙ୍କ ସାଙ୍ଗରେ ତାଙ୍କ ପତ୍ନୀ ହାଜେରା ଓ ପୁତ୍ର ଇସ୍ମାଇଲ ଥିଲେ , ଯେତେବେଳେ କି ଇସ୍ମାଇଲ କୋଳରେ ଥିଲେ । ନବି ଇବ୍ରାହୀମ୍ (ଅ. ସ) ତାଙ୍କ ପତ୍ନୀ ଏବଂ ପୁତ୍ରକୁ ମକ୍କାହରେ ବସେଇଲେ (ଅର୍ଥାତ୍ ତାଙ୍କ ପତ୍ନୀ ଏବଂ ପୁତ୍ର ମକ୍କାହରେ ରହିଲେ ) । ଯେତେବେଳେ ଇସ୍ମାଇଲ ବଡ଼ ହେଲେ ଇବ୍ରାହୀମ୍ (ଅ. ସ) ମକ୍କାହ ଆସିଲେ ଏବଂ ସେ ଓ ତାଙ୍କ ପୁତ୍ର ଦୁହେଁ ମିଶି କାବା ନିର୍ମାଣ କଲେ ଏବଂ ଅଲ୍ଲାହଙ୍କ ଉପରେ ବିଶ୍ୱାସ କରିଥିବା ଲୋକମାନେ କାବା ଆଡ଼କୁ ବଢ଼ିଗଲେ । ତେଣୁ ମକ୍କାହ ଅଲ୍ଲାହଙ୍କ ଉପରେ ବିଶ୍ୱାସ କରିଥିବା ଏବଂ ହଜ୍ କରୁଥିବା ଲୋକମାନଙ୍କର ଲକ୍ଷ୍ୟସ୍ଥଳ ହୋଇଗଲା । ଲୋକମାନେ ଶତାବ୍ଦୀ ଧରି ଅଲ୍ଲାହଙ୍କୁ ଉପାସନା କରିବା ସହ , ଇବ୍ରାହୀମ୍ (ଅ. ସ)ଙ୍କ ଧର୍ମ ସହ ଜଡିତ ହେବାକୁ ଲାଗିଲେ ।ପୁଣି ଏହା ପରେ ବିଚ୍ୟୁତ ହେଲା, ଏବଂ ଆରବ ଉପଦ୍ୱୀପ ବିଶ୍ୱର ଅନ୍ୟ ଦେଶମାନଙ୍କ ପରି ଥିଲା, ଏଥିରେ ଅଲ୍ଲାହଙ୍କ ଆଦେଶ ବିରୋଧୀ ବିଷୟଗୁଡ଼ିକ ସ୍ପଷ୍ଟ ଦେଖାଯାଉଥିଲା: ମୂର୍ତ୍ତି ପୂଜା, ଶିଶୁ ହତ୍ୟା, ମହିଳାଙ୍କୁ ଅତ୍ୟାଚାର କରିବା, ମିଥ୍ୟା କହିବା, ମଦ୍ୟପାନ କରିବା, ଅନୈତିକ କାର୍ଯ୍ୟ କରିବା, ଅନାଥଙ୍କର ଟଙ୍କା ହଡ଼ପ କରିବା , ଏବଂ ସୁଧ ନେବା ...ଏହି ସ୍ଥାନରେ ଏବଂ ଏହି ପରିବେଶରେ ଇସଲାମର ନବି/ ରସୁଲ ମୁହମ୍ମଦ ବିନ ଅବଦୁଲ୍ଲାହ ୫୭୧ ଖ୍ରୀଷ୍ଟାବ୍ଦରେ ଜନ୍ମ ହେଲେ , ଯିଏ କି ଇସ୍ମାଇଲ୍ ବିନ ଇବ୍ରାହୀମଙ୍କ ବଂଶଧର ଥିଲେ । ତାଙ୍କ ଜନ୍ମ ପୂର୍ବରୁ ତାଙ୍କ ପିତାଙ୍କର ଦେହାନ୍ତ ହୋଇଯାଇଥିଲା ଏବଂ ମାତାଙ୍କର ଦେହାନ୍ତ ୫୭୧ ଖ୍ରୀଷ୍ଟାବ୍ଦରେ ହୋଇଥିଲା , ସେତେବେଳେ ନବି(ସ . ଅ) ୬ ବର୍ଷର ହୋଇଥିଲେ । ତା ପରେ ତାଙ୍କ ଦାଦା/ଚାଚା ତାଙ୍କର ପାଳନପୋଷଣ କଲେ। ସେ ଅତି କମ ବୟସରୁ ହିଁ ତାଙ୍କ ଚାଚାଙ୍କର ସାହାଯ୍ୟ କରିବାକୁ ଲାଗିଲେ । ସେ ନିଜେ ରୋଜଗାର କରୁଥିଲେ ଏବଂ ସେଇଥିରୁ ହିଁ ଖାଉଥିଲେ ।

# ୨) ଚରିତ୍ରବାନ ତଥା ଉଚ୍ଚ ପାରିବାରର ମହିଳାଙ୍କ ସହ ଶୁଭ ବିବାହ ।

ଯେତେବେଳେ ତାଙ୍କୁ (ସ. ଅ) ୨୫ ବର୍ଷ ହେଲା , ସେ(ସ. ଅ) ମକ୍କାହର ଜଣେ ମହିଳା ଖଦିଜା ବିନ୍ତ ଖୁୱେଲିଦ୍ ଙ୍କୁ ବିବାହ କରିଥିଲେ । ଯାହାଙ୍କ ସହିତ ତାଙ୍କର(ସ. ଅ) ଚାରି ଝିଅ ଓ ଦୁଇ ପୁଅ ଜନ୍ମ ହେଲେ ।ତାଙ୍କ(ସ. ଅ) ପିଲାମାନେ ବାଲ୍ୟକାଳରୁ ମୃତ୍ୟୁବରଣ କରିଥିଲେ । ତାଙ୍କର ପତ୍ନୀ ଏବଂ ପରିବାରର ସଦସ୍ୟ ମାନେ ଅତ୍ୟନ୍ତ ଭଦ୍ର ଓ ସ୍ନେହୀ ଥିଲେ । ସେଥିପାଇଁ ତାଙ୍କ ପତ୍ନୀ ଖଦିଜା ତାଙ୍କୁ ଅତ୍ୟଧିକ ଭଲ ପାଉଥିଲେ । ନବି (ସ. ଅ) ମଧ ତାଙ୍କ ପତ୍ନୀଙ୍କୁ ବହୁତ ଭଲ ପାଉଥିଲେ ଏବଂ ପତ୍ନୀଙ୍କ ମୃତ୍ୟୁର ବହୁ ବର୍ଷ ପରେ ମଧ ସେ (ସ. ଅ) ତାଙ୍କୁ ଭୁଲି ପାରୁ ନ ଥିଲେ। ସେ(ସ. ଅ) ତାଙ୍କର ସମ୍ମାନ କରୁଥିଲେ ଏବଂ ତାଙ୍କ ପ୍ରତି ନିଜର ଭଲ ପାଇବା ବଜାୟ ରଖିବା ପାଇଁ , ଯେତେବେଳେ ଛେଳି / ଭେଡ଼ ବଧ କରୁଥିଲେ , ଏହାକୁ ଖଦିଜା (ର.ଅ)ଙ୍କ ସାଙ୍ଗ / ବାନ୍ଧବୀମାନଙ୍କ ମଧରେ ବଣ୍ଟନ କରୁଥିଲେ । ।

# ୩) ପ୍ରକାଶନର ଆରମ୍ଭ ।

ନବି ମୁହମ୍ମଦ (ସ.ଅ)ଙ୍କୁ ଅଲ୍ଲାହ ସୃଷ୍ଟି କରିବା ଠାରୁ ହିଁ ସେ ଅତ୍ୟନ୍ତ ଚରିତ୍ରବାନ ଥିଲେ । ତାଙ୍କ ସହର ବାସୀମାନେ ତାଙ୍କୁ(ସ.ଅ) ସତ୍ୟବାଦୀ ଓ ବିଶ୍ୱାସଯୋଗ୍ୟ ବୋଲି କହୁଥିଲେ ଏବଂ ସେ (ସ.ଅ) ତାଙ୍କ ସହିତ ମହତ୍ କାର୍ଯ୍ୟରେ ଅଂଶଗ୍ରହଣ କରୁଥଲେ। ସେ (ସ.ଅ)

[1] ଅନୁବାଦକୁ ଧ୍ୟାନରେ ରଖି ମୁଁ ସର୍ବଦା ମୁହମ୍ମଦ (ସ.ଅ)ଙ୍କ ଦୁଇଟି ଶବ୍ଦକୁ ଏକତ୍ର କରିବାକୁ ନିଶ୍ଚିତ କରିଥିଲି, ତେଣୁ ଏହା ଧ୍ୟାନ ଦିଆଯାଉ ।

ଅବିଶ୍ଵାସୀ ବା ଅଲ୍ଲାହଙ୍କ ବ୍ୟତୀତ ଅନ୍ୟକୁ ଉପାସନା କରୁଥିବା ଲୋକମାନଙ୍କୁ ଘୃଣା କରୁଥିଲେ ଏବଂ ସେମାନଙ୍କ କାର୍ଯ୍ୟରେ ଅଂଶଗ୍ରହଣ କରୁ ନ ଥିଲେ।

ସେ (ସ.ଅ) ମକ୍କାହରେ ଥିବା ବେଳେ ତାଙ୍କର ବୟସ ୪୦ ବର୍ଷ ହୋଇଥିଲା । ଅଲ୍ଲାହ ତାଙ୍କୁ(ସ.ଅ) ଜଣେ ନବି/ ରସୁଲ ଭାବରେ ମନୋନୀତ କଲେ । ତେଣୁ ଦୂତ ଜିବ୍ରେଇଲ ( ଅଲଇ ହିସସଲାମ ) କୁରାନରୁ ପ୍ରକାଶିତ ପ୍ରଥମ ସୁରା/ ପଦ ସହିତ ତାଙ୍କ (ସ.ଅ) ନିକଟକୁ ଆସିଲେ । ଯାହା କି ଅଲ୍ଲାହଙ୍କର ବାର୍ତ୍ତା ଅଟେ -()1( اقْرَأْ بِاسْمِ رَبِّكَ الَّذِي خَلَقَ ପଢ଼ (ହେ ପ୍ରବକ୍ତା ସ . ଅ ) ନିଜ ଅଲ୍ଲାହଙ୍କ ନାମ ସହିତ , ଯିଏ ସୃଷ୍ଟି କରିଛନ୍ତି , (୧))2( خَلَقَ الْإِنسَانَ مِنْ عَلَقٍ ଜମାଟ ବନ୍ଧା ରକ୍ତର ଏକ ପିଣ୍ଡରୁ ମନୁଷ୍ୟକୁ ସୃଷ୍ଟି କରିଛନ୍ତି ।(୨) اقْرَأْ وَرَبُّكَ )3( الْأَكْرَمُ ପଢ଼ ଏବଂ ତୁମର ଅଲ୍ଲାହ ବଡ଼ ଉଦାର ଅଟନ୍ତି , (୩))4( الَّذِي عَلَّمَ بِالْقَلَمِ ଯିଏ ଲେଖନୀ ଦ୍ଵାରା ଜ୍ଞାନର ଶିକ୍ଷା ପ୍ରଦାନ କରିଛନ୍ତି , (୪))5( عَلَّمَ الْإِنسَانَ مَا لَمْ يَعْلَمْ) ମନୁଷ୍ୟକୁ ସେହି ଜ୍ଞାନ ଦେଇଛନ୍ତି ଯାହା ସେ ଜାଣୁ ନ ଥିଲା।(୫)ଅଲ୍ ଅଲକ୍ (୧-୫) ।ତେଣୁ ସେ କମ୍ପିତ ହୃଦୟ ସହିତ ତାଙ୍କ ପତ୍ନୀ ଖଦିଜା (ର.ଅ)ଙ୍କ ନିକଟକୁ ଗଲେ ଏବଂ ସେ(ସ. ଅ) ତାଙ୍କୁ ଏହି ଖବର ଜଣାଇଲେ । ଖଦିଜା ନବି (ସ. ଅ)ଙ୍କୁ ସାନ୍ତ୍ଵନା ଦେଲେ ଏବଂ ତାଙ୍କ ଦାଦାଙ୍କ ପୁଅ ୱର୍କା ବିନ ନଅଫଲଙ୍କ ନିକଟକୁ ନେଇ ଗଲେ , ଯିଏ କି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ ଏବଂ ଇଞ୍ଜିଲ ଓ ତଉରାତ୍ ପଢ଼ିଥିଲେ ।ୱର୍କା ନବି (ସ. ଅ)ଙ୍କୁ କହିଲେ ହେ ମୋର ଭାଇଙ୍କ ପୁତ୍ର ତୁମେ କଣ ଦେଖିଲ ? ନବି (ସ. ଅ) ଯାହା ଦେଖିଥିଲେ ସବୁ କଥା ଶୁଣାଇଲେ । ୱର୍କା କହିଲେ ,ଏହା ସେହି ନିୟମ ଅଟେ ଯାହା ଅଲ୍ଲାହ ମୂସାଙ୍କୁ ପ୍ରକାଶ କରିଥିଲେ । ମୁଁ ଇଚ୍ଛା କରେ ଯେ ମୁଁ ସେ ପର୍ଯ୍ୟନ୍ତ ଜୀବିତ ରୁହନ୍ତି , ଯେତେବେଳେ କି ତୁମ ଲୋକମାନେ ତୁମକୁ ବାହାର କରିଦେବେ । ତେଣୁ ନବି (ସ. ଅ) କହିଲେ , କଣ ସେମାନେ ମୋତେ ତଡିଦେବେ? ୱର୍କା କହିଲେ, ହଁ । ଯଦି ମୁଁ ଜୀବିତ ରୁହେ , ତେବେ ମୁଁ ମୋର ପାରୁ ପର୍ଯ୍ୟନ୍ତ ତୁମକୁ ସମର୍ଥନ କରିବି।[2]

ମକ୍କାହରେ ତାଙ୍କ (ସ.ଅ) ଉପରେ କୁରାନ ପ୍ରକାଶିତ ହେଲା । ଦୂତ ଜିବ୍ରେଇଲ୍ ଅଲ୍ଲାହଙ୍କ ତରଫରୁ ନବି (ସ.ଅ)ଙ୍କ ନିକଟକୁ ବାର୍ତ୍ତା ନେଇ ଆସୁଥିଲେ , ବାର୍ତ୍ତାର ବିବରଣୀ ମଧ ତାଙ୍କ ନିକଟକୁ ଆଣୁଥିଲେ ।

ସେ(ସ . ଅ) ନିଜ ସହରବାସୀ / ତାଙ୍କ ଆଖ ପାଖର ଲୋକମାନଙ୍କୁ ଇସଲାମ ଆଡ଼କୁ ଡାକିବାକୁ ଲାଗିଲେ । କିନ୍ତୁ ତାଙ୍କ(ସ . ଅ) ଲୋକମାନେ ତାଙ୍କୁ(ସ . ଅ) ପ୍ରତ୍ୟାଖ୍ୟାନ କଲେ ଏବଂ ତାଙ୍କ(ସ . ଅ) ସହ ଝଗଡା କଲେ । ସେମାନେ ତାଙ୍କୁ (ସ.ଅ) ନିଜ ବାର୍ତ୍ତା/ ଇସଲାମର ପ୍ରଚାର କରିବା ବନ୍ଦ କରିବା ପାଇଁ କହିଲେ ଏବଂ ଏହା ବଦଳରେ ନବି (ସ.ଅ) ଙ୍କୁ ଧନ ଓ ରାଜତ୍ଵ ପ୍ରଦାନ କରିବାର ପ୍ରଲୋଭନ ମଧ ଦେଖାଇଲେ । କିନ୍ତୁ ସେ (ସ.ଅ) ଏହି ସବୁକୁ ମନା କରିଦେଲେ । ସେମାନେ ନବି (ସ.ଅ) ଙ୍କୁ ଯାଦୁଗର, ମିଥ୍ୟାବାଦୀ ବୋଲି କହିଲେ । ସେମାନେ ତାଙ୍କୁ (ସ.ଅ) ହଇରାଣ କଲେ, ତାଙ୍କ (ସ.ଅ) ସମ୍ମାନଜନକ ଶରୀର ଉପରେ ଆକ୍ରମଣ କଲେ ଏବଂ ତାଙ୍କ (ସ.ଅ) ଅନୁଗାମୀମାନଙ୍କୁ ନିର୍ଯାତନା ଦେଲେ।ନବି ମୁହମ୍ମଦ (ସ.ଅ) ମକ୍କାହରେ ରହି ଇସଲାମ ଧର୍ମର ପ୍ରଚାର ଓ ପ୍ରସାର କରିବାକୁ ଲାଗିଲେ । ହଜ୍ ଋତୁରେ ଏବଂ ଆରବରେ ଲାଗୁଥିବା ବଜାରକୁ ଯାଇ ଲୋକମାନଙ୍କୁ ଭେଟୁଥିଲେ ଏବଂ ତାଙ୍କ ସମ୍ମୁଖରେ ଇସଲାମ ଧର୍ମକୁ ଉପସ୍ଥାପନ କରୁଥିଲେ। ସେ (ସ.ଅ) କାହାରିକୁ ଖଣ୍ଡା ଦ୍ଵାରା ଡରାଇ ନ ଥିଲେ କିମ୍ବା ତାଙ୍କ (ସ.ଅ) ପାଖରେ କୌଣସି ପଦବୀ ନ ଥିଲା ବା ସେ (ସ.ଅ) ରାଜା ନ ଥିଲେ, ଯାହା ଦ୍ଵାରା କି ସେ ଲୋକମାନଙ୍କୁ ଡରାଇ ଇସଲାମ ଗ୍ରହଣ କରିବାକୁ ବାଧ କରିଥାନ୍ତେ ।ସେ ଲୋକମାନଙ୍କୁ ଚ୍ୟାଲେଞ୍ଜ କଲେ ଯେ ସେମାନେ କୁରାନ ପରି କିଛି (ସୁରାହ୍ / ଶ୍ଲୋକ ) ଆଣନ୍ତୁ। ଏହା ପରେ ତାଙ୍କର ସାଥୀମାନେ(ର . ଅ) ଇସଲାମ ଗ୍ରହଣ କଲେ।

ମକ୍କାହରେ ଅଲ୍ଲାହ ତାଙ୍କୁ ଏକ ବଡ଼ ଚମତ୍କାର ଦ୍ଵାରା ଆଶୀର୍ବାଦ କଲେ,ଯାହାକି ଗୋଟେ ରାତିରେ ସେ ନବି (ସ. ଅ) ଙ୍କୁ ମକ୍କାହରୁ ବୈତୁଲ ମୋକଦ୍ଦସ (ଜେରୁସଲାମ) କୁ ନେଇଗଲେ ଏବଂ ତା ପରେ ଆକାଶ( ସ୍ଵର୍ଗ ଓ ନର୍କ) ଆଡ଼କୁ ଯାତ୍ରା କଲେ । ମୁସଲମାନ ଏବଂ ଖ୍ରୀଷ୍ଟିଆନ ମାନଙ୍କ ମଧରେ ଏହା ପ୍ରସିଦ୍ଧ ଯେ ଅଲ୍ଲାହ ନବି ଇସା ଏବଂ ଇଲିୟାସ (ଅଲଇ ହିସ୍ସଲାମ)ଙ୍କୁ ଆକାଶକୁ ଉଠାଇ ନେଇଛନ୍ତି ।ନବି (ସ. ଅ)ଙ୍କୁ ଅଲ୍ଲାହଙ୍କ ତରଫରୁ ଆକାଶରେ ନମାଜ ପଢ଼ିବା/ ପ୍ରାର୍ଥନା କରିବା ପାଇଁ ଆଦେଶ ଦିଆଯାଇଥିଲା ଏବଂ ଏହିଠାରୁ ହିଁ ମୁସଲମାନମାନଙ୍କୁ ଦିନରେ ପାଞ୍ଚ ଥର ନମାଜ ପଢ଼ିବାର ଆଦେଶ ମିଳିଲା ଏବଂ ମକ୍କାହରେ ମଧ । ଦ୍ଵିତୀୟ ମହାନ୍ ଚିହ୍ନ ହେଲା ଚନ୍ଦ୍ରର ବିସ୍ଫୋରଣ/ ଚନ୍ଦ୍ରର ଦୁଇ ଭାଗରେ ବିଭକ୍ତ ହେବା । ଯାହାକୁ ଅଲ୍ଲାହଙ୍କ ଆଦେଶ ବିରୁଦ୍ଧରେ କାର୍ଯ୍ୟ କରୁଥିବା ଲୋକମାନେ ମଧ ଦେଖିଥିଲେ ।

ଅବିଶ୍ଵାସୀ କୁରେଶ୍ ବାସୀ ନବି (ସ. ଅ)ଙ୍କୁ ତଡ଼ିଦେବା ପାଇଁ ପ୍ରତ୍ୟେକ କୌଶଳ ବ୍ୟବହାର କରିଥିଲେ । ସେମାନେ ତାଙ୍କ (ସ. ଅ) ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ ଏବଂ ତାଙ୍କ (ସ. ଅ) ଠାରୁ ବିମୁଖ ହେଲେ ।ସେମାନେ ନବି (ସ. ଅ) ଙ୍କ ନବି ହେବାର ପ୍ରମାଣ ମାଗିବାକୁ ଲାଗିଲେ।ସେମାନେ ଯୀହୁଦି ମାନଙ୍କଠାରୁ ସାହାଯ୍ୟ ଲୋଡିଥିଲେ ଯାହା ନବି (ସ. ଅ)ଙ୍କ ସହିତ ଯୁକ୍ତିତର୍କ କରିବାରେ ଏବଂ ତାଙ୍କ(ସ. ଅ) ଠାରୁ ଲୋକଙ୍କୁ ଦୁରେଇବାରେ ସାହାଯ୍ୟ କରିବ ।

ଯେତେବେଳେ କୁରେଶ ବାସୀମାନେ ନବି (ସ. ଅ) ଙ୍କ ଉପରେ ବିଶ୍ଵାସ କରୁଥିବା ଲୋକମାନଙ୍କ ଉପରେ ନିର୍ଯ୍ୟାତନା ଜାରି ରଖିଲେ , ସେତେବେଳେ ସେ (ସ. ଅ) ତାଙ୍କର ଅନୁଗାମୀମାନଙ୍କୁ ହବଶା ସହରକୁ ସ୍ଥାନାନ୍ତର ହେବା ପାଇଁ ଅନୁମତି ଦେଲେ । ମୁହମ୍ମଦ (ସ. ଅ) ଲୋକମାନଙ୍କୁ କହିଲେ , ଜଣେ ଧାର୍ମିକ ରାଜା ଅଛନ୍ତି , ଯିଏ କାହା ଉପରେ ଅତ୍ୟାଚାର କରନ୍ତି ନାହିଁ ଏବଂ ସେ ଖ୍ରୀଷ୍ଟିଆନ ରାଜା ଥିଲେ । ତେଣୁ ବିଶ୍ଵାସୀ ଲୋକମାନଙ୍କ ମଧରୁ ଦୁଇ ଗୋଷ୍ଠୀ ହବସାକୁ ଯାତ୍ରା କଲେ । ଯେତେବେଳେ ସେମାନେ ହବଶାରେ ପହଞ୍ଚିଲେ , ସେଠାର ରାଜା ନଜ୍ଜାସିଙ୍କୁ ମୁହମ୍ମଦ (ସ. ଅ) ଆଣିଥିବା ଧର୍ମ ବିଷୟରେ ଜଣାଇଲେ । ସେ ତାଙ୍କ ସହ ସହମତ ହେଲେ ଏବଂ ଇସଲାମ

---

[2] ୨) ସହି ବୁଖାରୀ (୨) ୧/୭ ଏବଂ ସହି ମୁସଲିମ (୧୫୨) ୧/୧୩୯ ଆୟିଶାଙ୍କ ହଦିସ ସହିତ ସହମତ ହୋଇଥିଲେ।

ଗ୍ରହଣ କଲେ ଏବଂ କହିଲେ , ଅଲ୍ଲାହଙ୍କ ସାକ୍ଷ୍ୟ , ଏହା ମୁସା ( ଅଲଇ ହିସ୍ସଲାମ) ଆଣିଥିବା ଧର୍ମ ପରି । ଯେପରି ମୁହମ୍ମଦ(ସ. ଅ) ଏବଂ ମୁସା ( ଅଲଇ ହିସ୍ସଲାମ)ଙ୍କ ଧର୍ମ ଗୋଟିଏ ଶ୍ରେଣୀର । ତାଙ୍କର ସହରବାସୀ ମାନେ ମଧ ତାଙ୍କୁ ଏବଂ ତାଙ୍କ ସାଥୀମାନଙ୍କୁ ଅତ୍ୟାଚାର କରୁଥିଲେ ।

ଏହି ହଜ ଋତୁରେ ନବି (ସ. ଅ) ଙ୍କ ଉପରେ ବିଶ୍ୱାସ କରୁଥିବା ଲୋକମାନଙ୍କର ଏକ ଗୋଷ୍ଠୀ ଆସିଲା ଏବଂ ସେମାନେ ନବି (ସ. ଅ)ଙ୍କୁ ବଚନ ଦେଲେ ଯେ ସେ (ସ. ଅ) ଯଦି ତାଙ୍କ ସହର ମଦିନାକୁ ଆସନ୍ତି ତେବେ ସେମାନେ ତାଙ୍କର ସାହାଯ୍ୟ କରିବେ । ତେଣୁ ନବି (ସ. ଅ) ତାଙ୍କ ସାଥୀ ମାନଙ୍କୁ ମଦିନାକୁ ଯିବା ପାଇଁ ଅନୁମତି ଦେଲେ। ମଦିନାରେ ମଧ ଇସଲାମ ପ୍ରସାରିତ ହେଲା । ଏପରିକି ସେଠାରେ ଏପରି କୌଣସି ଏକ ଘର ବା ପରିବାର ନ ଥିଲା ଯିଏ କି ଇସଲାମ ଧର୍ମକୁ ଗ୍ରହଣ କରି ନ ଥିଲା।

ମୁହମ୍ମଦ (ସ. ଅ) ନବି/ରସୁଲ ହେବା ପରେ ମକ୍କାହରେ ଅଲ୍ଲାହଙ୍କୁ ସ୍ମରଣ କରି , ଲୋକମାନଙ୍କୁ ଅଲ୍ଲାହଙ୍କର ସଠିକ୍ ବାର୍ତ୍ତା ବିଷୟରେ ଜଣାଇ ୧୩ ବର୍ଷ କଟାଇଲେ । ତା ପରେ ଅଲ୍ଲାହ ତାଙ୍କୁ (ସ. ଅ) ମଦିନା ସହରକୁ ଯାତ୍ରା କରିବା ପାଇଁ ଆଦେଶ ଦେଲେ। ତେଣୁ ସେ (ସ . ଅ) ମଦିନା ସହରକୁ ଯାତ୍ରା କଲେ ଏବଂ ଲୋକମାନଙ୍କୁ ଅଲ୍ଲାହଙ୍କ ଆଡ଼କୁ ଡାକିବା ଜାରି ରଖିଲେ । ଏହା ସହିତ ଇସଲାମର ନିୟମଗୁଡିକ ଧୀରେ ଧୀରେ ପ୍ରକାଶିତ ହେବାକୁ ଲାଗିଲା । ସେ(ସ . ଅ) ତାଙ୍କର ସାଥୀମାନଙ୍କୁ ଚିଠି ଦେଇ ରାଜା ମାନଙ୍କ ନିକଟକୁ ପଠାଇଲେ ।ସେମାନଙ୍କ ମଧରେ ଥିଲେ: ରୋମୀୟମାନଙ୍କର ରାଜା, ପାରସ୍ୟର ରାଜା ଏବଂ ମିଶରର ରାଜା।

ଥରେ ମଦିନା ସହରରେ ସୂର୍ଯ୍ୟ ଗ୍ରହଣ ଲାଗିଲା , ଲୋକମାନେ ଭୟଭୀତ ହେଲେ ।ସେହି ଦିନ ନବି (ସ. ଅ)ଙ୍କ ପୁତ୍ର ଇବ୍ରାହୀମଙ୍କର ମୃତ୍ୟୁ ହୋଇଥିଲା । ଲୋକମାନେ କହିବାକୁ ଲାଗିଲେ ଯେ ଇବ୍ରାହୀମଙ୍କ ମୃତ୍ୟୁ ଯୋଗୁଁ ସୂର୍ଯ୍ୟ ଗ୍ରହଣ ହେଲା । ତେଣୁ ନବି (ସ. ଅ) କହିଲେ :କାହାର ମୃତ୍ୟୁ କିମ୍ଵା କାହାର ଜୀବନ ହେତୁ ସୂର୍ଯ୍ୟ ଓ ଚନ୍ଦ୍ରରେ ଗ୍ରହଣ ଲାଗେ ନାହିଁ । ବରଂ ଏଗୁଡ଼ିକ ଅଲ୍ଲାହଙ୍କର ସଂକେତ/ ଚିହ୍ନ ଅଟେ । ଯାହା ଦ୍ଵାରା ଅଲ୍ଲାହ ତାଙ୍କ ସେବକମାନଙ୍କୁ ଭୟଭୀତ ( ଭୁଲ କାର୍ଯ୍ୟ ନ କରିବା ପାଇଁ) କରାନ୍ତି । (୩)ଯଦି ନବି (ସ. ଅ) ମିଥ୍ୟାବାଦୀ ହୋଇଥାନ୍ତେ , ତେବେ ସେ (ସ. ଅ) ଅବିଶ୍ୱାସୀ ଲୋକମାନଙ୍କୁ ଭୟଭୀତ କରିବା ପାଇଁ ତତ୍ପର ହୋଇଥାନ୍ତେ ଏବଂ କହିଥାନ୍ତେ ଯେ ମୋ ପୁଅର ମୃତ୍ୟୁ ହେତୁ ସୂର୍ଯ୍ୟକୁ ଗ୍ରହଣ ଲାଗିଲା । ତେବେ କେହି ବି ତାଙ୍କୁ (ସ. ଅ) ଅବିଶ୍ୱାସ କରି ନ ଥାନ୍ତେ ।[3]

ଅଲ୍ଲାହ ନବି ମୁହମ୍ମଦ (ସ. ଅ) ଙ୍କୁ ସିଦ୍ଧ ନୈତିକତା ଦ୍ଵାରା ଆଶୀର୍ବାଦ କରିଛନ୍ତି । ଅଲ୍ଲାହ ତାଙ୍କୁ ନିମ୍ନଲିଖିତ ଭାବରେ ବ୍ୟାଖ୍ୟା କରିଛନ୍ତି :(وَإِنَّكَ لَعَلَىٰ خُلُقٍ عَظِيمٍ) ପ୍ରକୃତରେ , ତୁମେ ମହାନ୍ ଚରିତ୍ରର ମାଲିକ ଅଟ।(ସୁରତ ଅଲ-କଲମ: ୪)ସେ (ସ. ଅ) ସମସ୍ତ ଭଲ ନୈତିକତାର ଅଧିକାରୀ ଥିଲେ, ଯେପରିକି : ସଚ୍ଚୋଟତା, ଆନ୍ତରିକତା, ସାହସ, ନ୍ୟାୟ ଏବଂ ବିଶ୍ୱସ୍ତତା , ବିରୋଧୀମାନଙ୍କ ସହିତ ମଧ ଉଦାରତା ଏବଂ ଗରିବ, ବିଧବା , ଅନାଥମାନଙ୍କର ସାହାଯ୍ୟ କରିବା ଏବଂ ଦାନ ଦେବାକୁ ଭଲ ପାଉଥିଲେ ଏବଂ ସେମାନଙ୍କ ପ୍ରତି ଅତ୍ୟନ୍ତ ଦୟାବାନ୍ ଥିଲେ । ଏମିତିକି ଥରେ ନବି (ସ. ଅ) ଏବଂ ତାଙ୍କ ସାଥୀମାନେ ସଭାରେ ବସିଥିବା ବେଳେ ଜଣେ ଅପରିଚିତ ବ୍ୟକ୍ତି ନବି (ସ. ଅ)ଙ୍କୁ ଖୋଜି ଖୋଜି ଆସି ପହଞ୍ଚିଲେ ଏବଂ ସଭାରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ନବି (ସ. ଅ)ଙ୍କ ବିଷୟରେ ପଚାରିବାକୁ ଲାଗିଲେ, ଯେତେବେଳେ କି ସେ (ସ. ଅ) ସେହିଠାରେ ଉପସ୍ଥିତ ଥିଲେ। ବ୍ୟକ୍ତି ଜଣକ କହିଲେ ତୁମ ମଧରୁ ମୁହମ୍ମଦ କିଏ ?

ତାଙ୍କ(ସ . ଅ) ଜୀବନ ସମସ୍ତଙ୍କ ସହିତ କାରବାରରେ ସିଦ୍ଧତା ଏବଂ ସମ୍ଭ୍ରାନ୍ତତାର ପ୍ରତୀକ ଥିଲା।ଯଥା - ଶତ୍ରୁ ତଥା ବନ୍ଧୁ, ନିକଟ ତଥା ଦୂର, ବୃଦ୍ଧ ଏବଂ ଯୁବକ, ପୁରୁଷ ଏବଂ ମହିଳା, ପଶୁ ଏବଂ ପକ୍ଷୀ |

ଯେତେବେଳେ ଅଲ୍ଲାହ ନବି (ସ. ଅ)ଙ୍କ ପାଇଁ ଧର୍ମ ସମାପ୍ତ କରିଦେଲେ (ଅର୍ଥାତ୍ କୁରାନର ପ୍ରକାଶନ ପୂର୍ଣ୍ଣ ହେଲା) ଏବଂ ସେ (ସ. ଅ) ଏହାକୁ ଲୋକମାନଙ୍କ ନିକଟକୁ ସମ୍ପୂର୍ଣ୍ଣ ଭାବରେ ପହଞ୍ଚାଇ ଦେଲେ , ତା ପରେ ୬୩ ବର୍ଷ ବୟସରେ ସେ (ସ. ଅ) ଦେହାନ୍ତ କଲେ । ଅର୍ଥାତ୍ ନବି ହେବା ପୂର୍ବରୁ ୪୦ ବର୍ଷ ଏବଂ ନବି ଭାବରେ ୨୩ ବର୍ଷ ଜୀବିତ ରହିଲେ ।ନବି (ସ. ଅ)ଙ୍କୁ ମଦିନାରେ କବର ଦିଆ ଗଲା ।ସେ(ସ. ଅ) କେବଳ ଏକ ଧଳା ଖଚର ବ୍ୟତୀତ ଅନ୍ୟ କୌଣସି ଧନ ସମ୍ପତ୍ତି କିମ୍ଵା ଉତ୍ତରାଧିକାରୀ ଛାଡ଼ି ନ ଥିଲେ। ଏହା ବ୍ୟତୀତ କିଛି ଜମି ଯାହାକୁ ସେ (ସ. ଅ) ପର୍ଯ୍ୟଟକମାନଙ୍କୁ ଦାନରେ ଦେଇ ଦେଇଥିଲେ ।[4]

ଇସଲାମ ଗ୍ରହଣ କରିଥିବା , ନବି(ସ. ଅ) ଙ୍କୁ ବିଶ୍ୱାସ କରୁଥିବା ଏବଂ ତାଙ୍କୁ ଅନୁସରଣ କରୁଥିବା ଲୋକମାନଙ୍କର ସଂଖ୍ୟା ବହୁତ ଅଧିକ ଥିଲା। ତାଙ୍କ ମଧରୁ ଏକ ଲକ୍ଷରୁ ଅଧିକ ସାଥୀମାନେ ତାଙ୍କ(ସ. ଅ) ସହ 'ହଜ୍ଜତୁଲ ୱିଦା ' କରିଥିଲେ ଏବଂ ଏହା ତାଙ୍କ(ସ. ଅ) ମୃତ୍ୟୁର ପ୍ରାୟତଃ ୩ ମାସ ପୂର୍ବରୁ ହୋଇଥିଲା । ନିଜ ଧର୍ମର ସୁରକ୍ଷା ଏବଂ ବିସ୍ତାର କରିବାର ରହସ୍ୟ ହେଉଛି , ତାଙ୍କର(ସ. ଅ) ସାଥୀ ଯାହାଙ୍କୁ ସେ ଇସଲାମର ମୂଲ୍ୟବୋଧ ଏବଂ ନୀତି ଉପରେ ଉଠାଇଥିଲେ , ନ୍ୟାୟ ଓ ଧର୍ମ ଦୃଷ୍ଟିରୁ ସର୍ବୋତ୍ତମ ସାଥିମାନଙ୍କ ମଧରେ ଥିଲେ ଏବଂ ସେମାନେ ବିଶ୍ୱାସ କରୁଥିବା ଏହି ମହାନ ଧର୍ମ ପାଇଁ ଉତ୍ସର୍ଗୀକୃତ ହୋଇଥିଲେ ।

ତାଙ୍କ(ସ . ଅ) ସାଥିମାନଙ୍କ ମଧରୁ ବିଶ୍ୱାସ, ଜ୍ଞାନ, କାର୍ଯ୍ୟ, ଆନ୍ତରିକତା, ଉଦାରତା , ସାହସ ଇତ୍ୟାଦି ମଧରେ ସର୍ବଶ୍ରେଷ୍ଠ ଥିଲେ : ଅବୁ ବକ୍କର ସିଦ୍ଦିକ୍, ଉମର ବିନ ଅଲ୍ ଖତ୍ତାବ , ଉସ୍ମାନ ବିନ ଅଫାନ ଏବଂ ଅଲି ବିନ ଅବି ତାଲିବ (ରଜିଅଲ୍ଲାହ ଅନହୁମ) ଏବଂ ଏମାନେ ଇସଲାମ ଗ୍ରହଣ କରିଥିବା ଲୋକମାନଙ୍କ ମଧରୁ ପ୍ରଥମେ ଇସଲାମ ଗ୍ରହଣ କରିଥିଲେ ଏବଂ ନବି(ସ . ଅ)ଙ୍କ ପରେ ଖଲିଫା

---

[3] ୩) ସହିହ୍ ମୁସଲିମ (୯୦୧)

[4] ୪) ସହିହ୍ ବୁଖାରି (୪୪୬୧)୧୫/୬।

ହୋଇଥିଲେ , ଯେଉଁମାନେ କି ନବି(ସ. ଅ)ଙ୍କ ପରେ ଧର୍ମର ଝଣ୍ଡା ଉଠାଇଥିଲେ । କିନ୍ତୁ ସେମାନଙ୍କ ମଧ୍ୟରେ ନବି ହେବାର କୌଣସି ଚିହ୍ନ ନ ଥିଲା ଏବଂ ନବି ମୁହମ୍ମଦ (ସ. ଅ) ଅନ୍ୟ ସାଥୀମାନଙ୍କ ଠାରୁ ଏମାନଙ୍କୁ ପୃଥକ କରି ନଥିଲେ ।

ଅଲ୍ଲାହ ନିଜ କୁରାନକୁ ସୁରକ୍ଷିତ ରଖିଛନ୍ତି ଯାହାକି ମୁହମ୍ମଦ (ସ. ଅ) ଆଣିଥିଲେ । ଏହା ସହିତ ମୁହମ୍ମଦ (ସ. ଅ)ଙ୍କ ସୁନ୍ନତ(ହଦିସ), ତାଙ୍କ ଜୀବନ ,କାର୍ଯ୍ୟ ତଥା ବକ୍ତବ୍ୟକୁ ତାଙ୍କ ଭାଷାରେ ସୁରକ୍ଷିତ ରଖିଲେ ଏବଂ ତାଙ୍କ ଜୀବନୀ, ସେ କିପରି ଶୋଉଥିଲେ , କିପରି ଖାଉଥିଲେ , କିପରି କଥା ବାର୍ତ୍ତା କରୁଥିଲେ ଇତ୍ୟାଦି ସଂରକ୍ଷିତ ରଖିଛନ୍ତି । ତାଙ୍କ ପରି ଅନ୍ୟ କାହାରି ଜୀବନୀ ଏପରି ସୁରକ୍ଷିତ ରଖାଯାଇ ନାହିଁ ।ସେ(ସ . ଅ) ନିଜ ଘରେ , ନିଜ ପରିବାର ସହିତ କିପରି ବ୍ୟବହାର କରୁଥିଲେ ?ତାଙ୍କର ସମସ୍ତ ପରିସ୍ଥିତି ଏବଂ ଜୀବନୀ ସଂରକ୍ଷିତ ରହିଛି।ସେ (ସ. ଅ) ସାଧାରଣ ମନୁଷ୍ୟ ଏବଂ ନବି/ରସୁଲ ଥିଲେ । ତାଙ୍କ ନିକଟରେ କୌଣସି ଈଶ୍ୱରୀୟ ଗୁଣ ବା ଶକ୍ତି ନ ଥିଲା ଏବଂ ସେ ନିଜ ପାଇଁ କୌଣସି ଲାଭ ବା କ୍ଷତିର ମାଲିକ ନଥିଲେ ।

# ୪) ନବି(ସ . ଅ)ଙ୍କର ବାର୍ତ୍ତା ।

ଅଲ୍ଲାହ ଯେତେବେଳେ ନବି ମୁହମ୍ମଦ(ସ . ଅ) ଙ୍କୁ ପଠେଇଲେ , ସେତେବେଳେ ସମଗ୍ର ବିଶ୍ୱରେ ଅବିଶ୍ୱାସ, ଅରାଜକତା , ଅଜ୍ଞତା ବ୍ୟାପି ସାରିଥିଲା । ପୃଥିବୀ ପୃଷ୍ଠରେ ଏପରି କୌଣସି ବ୍ୟକ୍ତି ନ ଥିଲା ଯିଏ କୌଣସି ଜିନିଷକୁ ଅଲ୍ଲାହଙ୍କ ସହ ସମକକ୍ଷ ନ କରୁଥିବ , କେବଳ ଅଳ୍ପ କେତେକଙ୍କ ବ୍ୟତୀତ ।ତେଣୁ ଅଲ୍ଲାହ ନବି ମୁହମ୍ମଦ(ସ . ଅ) ଙ୍କୁ ଶେଷ ନବି ଭାବରେ ପଠେଇଲେ । ଅଲ୍ଲାହ ତାଙ୍କୁ(ସ . ଅ) ସମସ୍ତ ଜଗତ ପାଇଁ ମାର୍ଗଦର୍ଶନ ଏବଂ ସଠିକ ତଥା ପ୍ରକୃତ ଧର୍ମ ସହିତ ପଠାଇଲେ । ତାଙ୍କୁ ପଠାଇବାର ଉଦ୍ଦେଶ୍ୟ ହେଉଛି ସତ୍ୟ ଧର୍ମ ଉପରେ ପ୍ରାଧାନ୍ୟ ଦେବା ,ଲୋକଙ୍କୁ ଅବିଶ୍ୱାସ ଏବଂ ଅଜ୍ଞତାର ଅନ୍ଧକାରରୁ କାଢି ବିଶ୍ୱାସ ଏବଂ ଏକତାବାଦର ଆଲୋକକୁ ଆଣିବା ଏବଂ ପୂର୍ବ ନବି ମାନଙ୍କର ସଠିକ୍ ବାର୍ତ୍ତା ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ।

ପୂର୍ବ ନବି/ ଧର୍ମପ୍ରଚାରକ (ଆଦମ, ନୁହ , ଇବ୍ରାହୀମ, ମୂସା, ସୁଲଇମାନ, ଦାଉଦ୍ , ଈସା ଅଲଇ ହିସ୍ସଲାମ) ମାନେ ଯେଉଁ ବାର୍ତ୍ତା ଦେଇଥିଲେ , ନବି ମୁହମ୍ମଦ(ସ. ଅ) ମଧ ଲୋକମାନଙ୍କୁ ସେହି ବାର୍ତ୍ତା ଦେଲେ । ଯଥା - ଅଲ୍ଲାହ ହିଁ ହେଉଛନ୍ତି ଈଶ୍ୱର, ଭଗବାନ , ସୃଷ୍ଟିକର୍ତ୍ତା, ପ୍ରତିଷ୍ଠାତା , ସର୍ବଶ୍ରେଷ୍ଠ ଦାତା, ଜୀବନ ଦାତା , ରାଜତ୍ୱର ମାଲିକ, ସେହିଁ ସମସ୍ତ ମାମଲାର ପରିଚାଳକ, ସେ ଅନନ୍ତ କୃପାଶୀଳ ଓ ଅପାର ଦୟାମୟ ଅଟନ୍ତି , ଅଲ୍ଲାହ ହେଉଛନ୍ତି ବ୍ରହ୍ମାଣ୍ଡର ପ୍ରତ୍ୟେକ ଜିନିଷର ସୃଷ୍ଟିକର୍ତ୍ତା । ଅଲ୍ଲାହଙ୍କ ବ୍ୟତୀତ ବିଶ୍ୱର ଅନ୍ୟ ସମସ୍ତ ଜିନିଷ ଅଲ୍ଲାହଙ୍କ ସୃଷ୍ଟିରେ ଅନ୍ତର୍ଭୁକ୍ତ ।

ନବି ମୁହମ୍ମଦ (ସ. ଅ) କେବଳ ଅଲ୍ଲାହଙ୍କ ଉପାସନା କରିବା ଏବଂ ତାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା ନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହା ମଧ ସ୍ପଷ୍ଟ କଲେ ଯେ ଅଲ୍ଲାହ ଏକ ଅଟନ୍ତି ଏବଂ ଉପାସନା , ପ୍ରାଧାନ୍ୟ, ସୃଷ୍ଟି କିମ୍ବା ଶାସନରେ ଅଲ୍ଲାହଙ୍କର କେହି ସମକକ୍ଷ ନୁହେଁ। ଅଲ୍ଲାହ କାହାକୁ ଜନ୍ମ ଦେଇନାହାଁନ୍ତି କି ସେ ଜନ୍ମ ହୋଇ ନାହାଁନ୍ତି ଏବଂ ତାଙ୍କର କୌଣସି ସାଥୀ ନାହାଁନ୍ତି କିମ୍ବା ତାଙ୍କ ସମାନ କେହି ନୁହେଁ । ସେ କୌଣସି ଜିନିଷରେ ନାହାନ୍ତି କିମ୍ବା ତାଙ୍କର କୌଣସି ଅବତାର ନାହିଁ।

ଇବ୍ରାହୀମ ଓ ମୁସା (ଅଲଇ ହିସ୍ସଲାମ)ଙ୍କ ତଉରାତ , ଜବୁର୍ ଏବଂ ଇଞ୍ଜିଲ ପରି ସ୍ୱର୍ଗୀୟ ପୁସ୍ତକ ଗୁଡ଼ିକରେ ( ବିକୃତ ହେବା ପୂର୍ବରୁ ) ବିଶ୍ୱାସ କରିବା ପାଇଁ ସେ (ସ. ଅ) ଆହ୍ୱାନ କଲେ । ଏହା ବିବେଚନା କରାଯାଏ ଯେ ଯିଏ ଜଣେ ନବିଙ୍କୁ ପ୍ରତ୍ୟାଖ୍ୟାନ କରେ ,ସେ ସମସ୍ତ ନବିଙ୍କୁ ପ୍ରତ୍ୟାଖ୍ୟାନ / ଅବିଶ୍ୱାସ କରେ ।

ସେ(ସ . ଅ) ସମସ୍ତ ଲୋକଙ୍କୁ ଅଲ୍ଲାହଙ୍କ ଦୟା ବିଷୟରେ ସୁସମାଚାର ଦେଇଛନ୍ତି ଏବଂ ଏହି ଧର୍ମରେ ସେମାନଙ୍କର ପର୍ଯ୍ୟାପ୍ତତା ପାଇଁ ଅଲ୍ଲାହ ହିଁ ଦାୟୀ ଅଟନ୍ତି ଏବଂ ଅଲ୍ଲାହ ଅତ୍ୟନ୍ତ କୃପାଶୀଳ ଓ ଦୟାଳୁ ଅଟନ୍ତି। ପୁନରୁତ୍ଥାନ ଦିନ/ କୟାମତ ଦିନ ଯେତେବେଳେ ସେ ଲୋକମାନଙ୍କୁ ତାଙ୍କ ସମାଧିରୁ ଉଠାଇବେ , ସେତେବେଳ ସେ ହିଁ କେବଳ ଏକା ସମସ୍ତଙ୍କ କାର୍ଯ୍ୟର ହିସାବ / ବିଚାର କରିବେ। ସେହିଁ ବିଶ୍ୱାସୀ ମାନଙ୍କର ଭଲ କାର୍ଯ୍ୟ ପାଇଁ ଦଶ ଗୁଣ ଭଲ ପୁରସ୍କାର ଦିଅନ୍ତି ଏବଂ ମନ୍ଦ କାର୍ଯ୍ୟ ପାଇଁ ଦଣ୍ଡ ମଧ ସିଏ ହିଁ ଦିଅନ୍ତି । ଯେଉଁମାନେ ଭଲ କାର୍ଯ୍ୟ କରନ୍ତି , ସେମାନେ ପରବର୍ତ୍ତୀ ଜୀବନରେ ଅର୍ଥାତ୍ ମୃତ୍ୟୁ ପରେ ଅନନ୍ତ ସୁଖ ପାଇବେ, ଏବଂ ଯିଏ ଅଲ୍ଲାହଙ୍କୁ ଅବିଶ୍ୱାସ କରେ ଏବଂ ମନ୍ଦ କରେ, ସେ ଏହି ଜଗତରେ ଏବଂ ପରବର୍ତ୍ତୀ ଜୀବନରେ ଦଣ୍ଡ ପାଇବ |

ଅଲ୍ଲାହଙ୍କର ନବି ମୁହମ୍ମଦ(ସ . ଅ) ନିଜ ବାର୍ତ୍ତାରେ, ନିଜର ଜନଜାତି, ଦେଶ କିମ୍ବା ଆତ୍ମ ସମ୍ମାନର ପ୍ରଶଂସା କରିନାହାଁନ୍ତି, ବରଂ ନୁହ , ଇବ୍ରାହିମ, ମୁସା, ଈସା ଅଲଇ ହିସ୍ସଲାମଙ୍କ ପରି ନବିମାନଙ୍କର ନାମ ଉଲ୍ଲେଖ କରିଛନ୍ତି । ପବିତ୍ର କୁରାନରେ ତାଙ୍କ(ସ. ଅ ) ନାମଠାରୁ ଏମାନଙ୍କର ଅଧିକ ଉଲ୍ଲେଖ କରାଯାଇଛି । ନବି(ସ. ଅ )ଙ୍କର ମାତା କିମ୍ବା ତାଙ୍କ ପତ୍ନୀଙ୍କର ଉଲ୍ଲେଖ କରାଯାଇନାହିଁ ବରଂ ମୁସା(ଅଲଇ ହିସ୍ସଲାମ)ଙ୍କ ମାତାଙ୍କ ନାମ ଏକାଧିକ ଥର ଉଲ୍ଲେଖ କରାଯାଇଛି ଏବଂ ମରିୟମ(ର . ଅ) ଙ୍କର ୩୫ ଥର ଉଲ୍ଲେଖ କରାଯାଇଛି।

ଯେଉଁ କାର୍ଯ୍ୟ ଗୁଡ଼ିକ ନିୟମ, ବୁଦ୍ଧି କିମ୍ବା ସାଧାରଣ ଜ୍ଞାନ ବିରୋଧୀ କିମ୍ବା ସଠିକ ନୈତିକତା ଦ୍ୱାରା ପ୍ରତ୍ୟାଖ୍ୟାନ ହୁଏ , ସେଥି ପାଇଁ ନବି ମୁହମ୍ମଦ (ସ. ଅ) ଦାୟୀ ନୁହନ୍ତି । କାରଣ ନବି/ ଧର୍ମ ପ୍ରଚାରକ ମାନେ ଅଲ୍ଲାହଙ୍କ ବିଷୟରେ ଯାହା କୁହନ୍ତି , ସେଥିରେ ସେମାନଙ୍କର କୌଣସି ଭୁଲ ନ ଥାଏ ଏବଂ ସେମାନେ ଅଲ୍ଲାହଙ୍କ ଆଦେଶକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଉତ୍ତରଦାୟୀ ଅଟନ୍ତି। ସେମାନଙ୍କ ନିକଟରେ ଈଶ୍ୱରୀୟତା କିମ୍ବା କୌଣସି ଈଶ୍ୱରୀୟ ଗୁଣ ନ ଥାଏ। ବରଂ ସେମାନେ ସାଧାରଣ ମନୁଷ୍ୟ ମାନଙ୍କ ପରି ମନୁଷ୍ୟ ଅଟନ୍ତି । ଯାହାଙ୍କ ଉପରେ ଅଲ୍ଲାହ ନିଜର ଆଦେଶ ଗୁଡ଼ିକ ପ୍ରକାଶିତ କରନ୍ତି ଅର୍ଥାତ୍ ଅଲ୍ଲାହ ନିଜର ଆଦେଶଗୁଡ଼ିକ ନବିମାନଙ୍କ ମାଧମରେ ଲୋକମାନଙ୍କ ନିକଟକୁ ପହଞ୍ଚାଇ ଥାଆନ୍ତି।

ମୁହମ୍ମଦ (ସ. ଅ)ଙ୍କ ବାର୍ତ୍ତା ଅଲ୍ଲାହଙ୍କ ଦ୍ୱାରା ପ୍ରକାଶିତ, ଏହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ଏହା ଆଜି ମଧ୍ୟ ସେହି ପରି ସୁରକ୍ଷିତ ଅଛି , ଯେପରି ତାଙ୍କ(ସ. ଅ) ଜୀବନ କାଳରେ ଥିଲା । ଏବଂ ଏହାକୁ ଏକରୁ ଅଧିକ ଲୋକ ଅନୁସରଣ କରନ୍ତି । କୋଟି କୋଟି ମୁସଲମାନ ନମାଜ/ ପ୍ରାର୍ଥନା ,ଜକାତ , ରୋଜା/ ଉପବାସ , ହଜ ପରି ତାଙ୍କର ଆଇନଗତ କର୍ତ୍ତବ୍ୟଗୁଡ଼ିକ କୌଣସି ପରିବର୍ତ୍ତନ ନ କରି ଲାଗୁ କରନ୍ତି ।

# ୫) ମୁହମ୍ମଦ(ସ . ଅ)ଙ୍କର ନବି ହେବାର ଚିହ୍ନ ଏବଂ ପ୍ରଣାମ ।

ଅଲ୍ଲାହ ନବିମାନଙ୍କୁ ସେହି ପଦ/ଶ୍ଳୋକ ଗୁଡ଼ିକ ସହ ସମର୍ଥନ କରନ୍ତି , ଯେଉଁଗୁଡିକ ତାଙ୍କର ନବି/ ରସୁଲ ହେବାର ଦଲିଲ / ପ୍ରମାଣ ଭାବରେ କାର୍ଯ୍ୟ କରେ ଏବଂ ସେମାନଙ୍କୁ ପ୍ରମାଣ ଓ ଯୁକ୍ତି ଯୋଗାଇଥାଏ ଯାହା ସେମାନଙ୍କ ସନ୍ଦେଶର ସାକ୍ଷ୍ୟ ଦେଇଥାଏ । ଅଲ୍ଲାହ ସମସ୍ତ ନବିଙ୍କୁ ଅନେକ ଚିହ୍ନ ଦେଇଛନ୍ତି , ଯାହାଦ୍ୱାରା ଲୋକମାନେ ତାଙ୍କ ଉପରେ ବିଶ୍ୱାସ କରିବେ । ଆମ ନବି ମୁହମ୍ମଦ (ସ. ଅ)ଙ୍କର ଚିହ୍ନ ଗୁଡ଼ିକ ହେଉଛି , ଅଲ୍ଲାହ ତାଙ୍କୁ(ସ. ଅ) ପବିତ୍ର କୁରାନ ଦେଲେ , ଯାହା କି ଶେଷ ଦିନ / ପୁନରୁତ୍ଥାନ ଦିନ ( କୟାମତ) ପର୍ଯ୍ୟନ୍ତ ନବିଙ୍କର ଚିହ୍ନ ଭାବରେ ସୁରକ୍ଷିତ ରହିବ । ଏହା ବ୍ୟତୀତ ତାଙ୍କର (ସ. ଅ) ଅନେକ ଚିହ୍ନ ରହିଛି :

ରାତ୍ରି ଯାତ୍ରା ଓ ମେରାଜ୍, ଚନ୍ଦ୍ରର ବିଭାଜନ ଅର୍ଥାତ୍ ଚନ୍ଦ୍ର ଦୁଇ ଭାଗରେ ବିଭକ୍ତ ହେବା , ଚାରି ଆଡ଼ ଶୁଖିଯିବା ପରେ ଅନେକ ଥର ବର୍ଷା ହେବା ଯେତେବେଳେ ସେ (ସ. ଅ) ଅଲ୍ଲାହଙ୍କୁ ପ୍ରାର୍ଥନା କଲେ ଯେ ' ହେ ଅଲ୍ଲାହ ଜୀବ ମାନଙ୍କ ପାଇଁ ବର୍ଷା କରାନ୍ତୁ '।

ସେହି ସମୟରେ ପ୍ରଚୁର ଖାଦ୍ୟ ଏବଂ ଅଳ୍ପ ପାଣି, ତଥାପି ଅନେକ ଜୀବ ଏହାକୁ ଅଧିକ ଖାଉଥିଲେ କିମ୍ବା ପିଉଥିଲେ |

ଏବଂ ତାଙ୍କୁ (ସ. ଅ) ଅତୀତର ଅଦୃଶ୍ୟ ଘଟଣା ବିଷୟରେ ଜଣାଇବା , ଯାହାର ସବିଶେଷ ତଥ୍ୟ ଅନ୍ୟ କାହାରିକୁ ଜଣା ନ ଥିଲା । ଅଲ୍ଲାହଙ୍କର ନବି(ସ. ଅ) ଙ୍କୁ ଖବର ଦେବା , ଅର୍ଥାତ୍ ପୂର୍ବ ନବି ମାନଙ୍କର ଏବଂ ତାଙ୍କ ଅନୁଗାମୀ ତଥା ଲୋକମାନଙ୍କ ବିଷୟରେ ଜଣାଇବା ଏବଂ ଗୁମ୍ଫାର ସାଥୀମାନଙ୍କର କାହାଣୀ ମଧ୍ୟ ।

ଏବଂ ତାଙ୍କୁ ଭବିଷ୍ୟତରେ ହେବାକୁ ଥିବା ଘଟଣା ସମ୍ପର୍କରେ ସୂଚିତ କରିବା । ଯେମିତିକି ଅଲ୍ଲାହ ତାଙ୍କୁ(ସ. ଅ) ହିଯାଜ୍ ସହରରୁ ବାହାରିଥିବା ନିଆଁ ବିଷୟରେ ପୂର୍ବରୁ ସୂଚନା ଦେଇଥିଲେ । ଯାହାକୁ ଶାମ୍ ସହରରେ ରହୁଥିବା ଲୋକମାନେ ଦେଖିବେ । ଲୋକମାନେ ବଡ଼ ବଡ଼ କୋଠା ନିର୍ମାଣ କରିବେ ଇତ୍ୟାଦି ।

ଅଲ୍ଲାହ ତାଙ୍କ(ସ . ଅ) ପାଇଁ ଯଥେଷ୍ଟ ଏବଂ ତାଙ୍କୁ ଲୋକମାନଙ୍କଠାରୁ ରକ୍ଷା କରନ୍ତି |

ସେ(ସ . ଅ) ନିଜ ସାଥୀମାନଙ୍କୁ ଦେଇଥିବା ପ୍ରତିଜ୍ଞା ପୂରଣ ହେଲା, ଯେପରି ସେ(ସ . ଅ) ସେମାନଙ୍କୁ କହିଥିଲେ:ପାରସ୍ୟ ଏବଂ ରୋମୀୟମାନଙ୍କ ଉପରେ ତୁମେ ବିଜୟ ଲାଭ କରିବ ଏବଂ ତୁମେ ସେମାନଙ୍କ ଧନକୁ ଅଲ୍ଲାହଙ୍କ ପଥରେ ଖର୍ଚ୍ଚ କରିବ |

ଏବଂ ଅଲ୍ଲାହ ତାଙ୍କୁ(ସ . ଅ) ସ୍ୱର୍ଗଦୂତ ମାନଙ୍କ ଦ୍ୱାରା ସାହାଯ୍ୟ କଲେ ।

ପୂର୍ବ ନବିମାନେ ତଥା ବନି ଇସ୍ରାଇଲର ସମସ୍ତ ନବି ଯଥା - ମୁସା , ଦାଉଦ, ସୁଲଇମାନ, ଇସା ଏବଂ (ଅ. ସ) ସେମାନଙ୍କର ଅନୁଗାମୀ ମାନଙ୍କୁ ନବି ମୁହମ୍ମଦ(ସ. ଅ)ଙ୍କ ବିଷୟରେ ଭବିଷ୍ୟବାଣୀ କରିଥିଲେ ।

ଏବଂ ଯୁକ୍ତିଯୁକ୍ତ ପ୍ରମାଣ ଏବଂ ବାକ୍ୟ ସହିତ (୫) ଯେଉଁଥିରେ ଶାନ୍ତିପୂର୍ଣ୍ଣ ମନ ମାନନ୍ତି |[5]

ଏହି ପଦ, ଦଲିଲ ଏବଂ ଯୁକ୍ତିଯୁକ୍ତ ଉଦାହରଣ ଗୁଡ଼ିକ ପବିତ୍ର କୁରାନ ଏବଂ ନବିଙ୍କ ବାଣୀରେ ବିସ୍ତୃତ ଭାବରେ ରହିଛି ଏବଂ ଏହାର ପଦଗୁଡିକ ଗଣନା କରାଯାଇପାରିବ ନାହିଁ ।ଯିଏ କେହି ଏହି ସବୁ ବିଷୟରେ ଜାଣିବାକୁ ଚାହୁଁଛନ୍ତି , ତାଙ୍କୁ କୁରାନ , ନବିଙ୍କ ବାଣୀ ଏବଂ ତାଙ୍କର ଜୀବନୀ ପୁସ୍ତକ ଗୁଡ଼ିକ ପଢ଼ିବା ଉଚିତ୍ ।କାରଣ ଏଥିରେ ଏହି ପଦଗୁଡ଼ିକ ବିଷୟରେ ନିର୍ଦ୍ଦିଷ୍ଟ ସୂଚନା ରହିଛି ।

ଯଦି ଏହି ମହାନ ପଦଗୁଡ଼ିକ ପ୍ରକାଶ କରାଯାଇ ନଥାନ୍ତା, ଅବିଶ୍ୱାସୀ କୁରେଶ ଏବଂ ଆରବ ଉପଦ୍ୱୀପରେ ଥିବା ଯିହୁଦୀ ଏବଂ ଖ୍ରୀଷ୍ଟିଆନ ତଥା ନବି (ସ.ଅ)ଙ୍କର ବିରୋଧୀମାନେ ତାଙ୍କୁ(ସ.ଅ) ଖଣ୍ଡନ କରିବା ଏବଂ ତାଙ୍କ(ସ.ଅ) ଠାରୁ ଲୋକମାନଙ୍କୁ ଦୂର କରିବା ପାଇଁ ସୁଯୋଗ ପାଇଥାନ୍ତେ |

ପବିତ୍ର କୁରାନ ହେଉଛି ଏକ ପୁସ୍ତକ ଯାହା ଅଲ୍ଲାହ ନବି ମୁହମ୍ମଦ (ସ. ଅ)ଙ୍କୁ ପ୍ରକାଶିତ କରିଥିଲେ । ଏହା ବିଶ୍ୱର ସୃଷ୍ଟିକର୍ତ୍ତା ଅଲ୍ଲାହଙ୍କର ବାକ୍ୟ ଅଟେ । ଅଲ୍ଲାହ ମନୁଷ୍ୟ ଏବଂ ଜିନ୍ ମାନଙ୍କୁ ଚ୍ୟାଲେଞ୍ଜ କଲେ ଯେ ସେମାନେ ଏହାପରି କିଛି ବା ଏହାପରି ସୁରା ବା ପଦ ଆଣନ୍ତୁ ଏବଂ ଏହି ଚ୍ୟାଲେଞ୍ଜ ଆଜି ପର୍ଯ୍ୟନ୍ତ ମହଜୁଦ ଅଛି । ପବିତ୍ର କୁରାନ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇଥାଏ । କୁରାନ ଆଜି

---

[5] ଯେମିତିକି ଅଲ୍ଲାହ କୁହନ୍ତି : " ହେ ଲୋକମାନେ ! ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି । ମନଯୋଗ ସହ ଶୁଣ। ଖୁଦାଙ୍କୁ ପରିତ୍ୟାଗ କରି ତୁମେ ଯେଉଁ ଉପାସ୍ୟ ଗୁଡ଼ିକୁ ଡାକ ପକାଉଛ , ସେ ସବୁ ମିଶି ଗୋଟିଏ ମାଛିକୁ ବି ସୃଷ୍ଟି କରିବାକୁ ଚାହିଁଲେ କରି ପାରିବେ ନାହିଁ । ବରଂ ଯଦି ମାଛିଟି ସେମାନଙ୍କଠାରୁ କୌଣସି ଜିନିଷ ଛଡ଼ାଇ ନେଇ ଯାଏ , ତେବେ ସେମାନେ ତାକୁ ଛଡ଼ାଇବି ପାରିବେ ନାହିଁ। (ଅଲ୍ ହଜ - ୭୩)

ପର୍ଯ୍ୟନ୍ତ ଆରବୀ ଭାଷାରେ ସୁରକ୍ଷିତ ରହିଛି ।ଏହା ମୁଦ୍ରିତ ଓ ପ୍ରକାଶିତ ହୋଇଛି , କିନ୍ତୁ ଯେପରି ଏହା ପ୍ରକାଶିତ ହୋଇଥିଲା ଆଜି ପର୍ଯ୍ୟନ୍ତ ସେହି ପରି ମହଜୁଦ ରହିଛି , ଏଥିରେ କିଛି ଯୋଡ଼ା ଯାଇପାରି ନାହିଁ କି ଏଥିରୁ କିଛି ଅଦୃଶ୍ୟ ହୋଇ ନାହିଁ । ଏହା ଏକ ମହାନ୍ ଚମତ୍କାରୀ ପୁସ୍ତକ । ଏହା ସର୍ବଶ୍ରେଷ୍ଠ ପୁସ୍ତକ ଯାହା ଲୋକଙ୍କ ନିକଟରେ ପହଞ୍ଚିଛି । ଏହାର ଅନୁବାଦ ପଢ଼ିବା କିମ୍ବା ବୁଝିବା ପାଇଁ ଯୋଗ୍ୟ। ଅର୍ଥାତ୍ ଯିଏ ଏହାକୁ ପଢ଼ିବା ଏବଂ ଏଥିରେ ବିଶ୍ୱାସ କରିବା ବନ୍ଦ କଲା, ସେ ଏହାକୁ ହରାଇଲା ଏବଂ ସେ ସମସ୍ତ ଉତ୍ତମତା ହରାଇଲା ।ଏଥିସହ, ନବି ମୁହମ୍ମଦ (ସ.ଅ)ଙ୍କ ବାଣୀ ଏବଂ ତାଙ୍କର(ସ.ଅ) ମାର୍ଗଦର୍ଶନ ଏବଂ ଜୀବନ ସଂରକ୍ଷିତ ଏବଂ ନିର୍ଭରଯୋଗ୍ୟ ବର୍ଣ୍ଣନାକାରୀଙ୍କ ଶୃଙ୍ଖଳା ଅନୁଯାୟୀ ପ୍ରସାରିତ ହୋଇଛି,ଏହା ଆରବୀ ଭାଷାରେ ମୁଦ୍ରିତ ହୋଇଥିଲା ଏବଂ ଏହା ଅନେକ ଭାଷାରେ ଅନୁବାଦିତ ହୋଇଅଛି । ପବିତ୍ର କୁରାନ ଏବଂ ନବି ମୁହମ୍ମଦ (ସ.ଅ)ଙ୍କର ବାଣୀ ହେଉଛି ଇସଲାମର ନିୟମର ଏକମାତ୍ର ଉତ୍ସ ।

# ୬) ମୁହମ୍ମଦ (ସ. ଅ)ଙ୍କ ଦ୍ୱାରା ଅଣାଯାଇଥିବା ନିୟମ ।

ନବି ମୁହମ୍ମଦ (ସ. ଅ)ଙ୍କ ଦ୍ୱାରା ଅଣାଯାଇଥିବା ନିୟମ , ଇସଲାମର ନିୟମ ଅଟେ । ଏହା ଇଶ୍ୱରୀୟ ନିୟମ ଏବଂ ଇଶ୍ୱରୀୟ ବାର୍ତ୍ତାର ଫଳାଫଳ ଏବଂ ଏହା ନିଜର ଉତ୍ପତ୍ତିରେ ପୂର୍ବ ନବି ମାନଙ୍କର ନିୟମ ସହ ମେଳ ଖାଏ। ଯଦିଓ ଏହାର ଗୁଣ ଭିନ୍ନ ଅଟେ।

ଏହା ହେଉଛି ସିଦ୍ଧତାର ନିୟମ ଏବଂ ଏହା ସବୁ ସମୟ ଏବଂ ସ୍ଥାନ ପାଇଁ ବୈଧ,ଏଥିରେ ଲୋକଙ୍କ ଧର୍ମର ଯଥାର୍ଥତା ଏବଂ ସେମାନଙ୍କର ସାଂସାରିକ ଜୀବନ ଅନ୍ତର୍ଭୁକ୍ତ। ଏହା ସମସ୍ତ ଉପାସନାକୁ ଅନ୍ତର୍ଭୁକ୍ତ କରେ ଯାହା ଅଲ୍ଲାହଙ୍କ ସେବକମାନଙ୍କ ପାଇଁ ବାଧ୍ୟତାମୂଳକ ଅଟେ , ଯେପରି ନମାଜ ଓ ଜକାତ । ଏହା ସେମାନଙ୍କ ପାଇଁ ଆର୍ଥିକ, ଅର୍ଥନୈତିକ, ସାମାଜିକ, ରାଜନୈତିକ, ସାମରିକ ଏବଂ ପାରିବେଶିକ କାରବାରକୁ ସ୍ପଷ୍ଟ କରେ , ଯେ କଣ ସଠିକ୍ ଏବଂ କଣ ନିଷେଧ ଅଟେ ।ଅନ୍ୟାନ୍ୟ ଜିନିଷ ଯାହା ଲୋକଙ୍କ ଜୀବନ ଏବଂ ଭବିଷ୍ୟତ ପାଇଁ ଆବଶ୍ୟକ ତାହା ମଧ୍ୟ ସ୍ପଷ୍ଟ କରେ |

ଏହି ନିୟମ ଲୋକମାନଙ୍କର ଧର୍ମ, ସେମାନଙ୍କର ରକ୍ତ, ସମ୍ମାନ, ସମ୍ପତ୍ତି, ସେମାନଙ୍କର ମନ ଏବଂ ସେମାନଙ୍କର ସନ୍ତାନମାନଙ୍କୁ ସୁରକ୍ଷା ଦେଇଥାଏ, ଏଥିରେ ପ୍ରତ୍ୟେକ ଭଲ ଗୁଣ ଅନ୍ତର୍ଭୁକ୍ତ, ଏବଂ ପ୍ରତ୍ୟେକ ମନ୍ଦ ବିଷୟରେ ଚେତାବନୀ ଦିଆଯାଇଛି ।ଏଥିରେ ମାନବିକ ସମ୍ମାନ, ନ୍ୟାୟ , ଆନ୍ତରିକତା, ପରିଷ୍କାର ପରିଚ୍ଛନ୍ନତା କୌଶଳ, ପ୍ରେମ, ଲୋକଙ୍କ ପ୍ରତି ଭଲ ଚିନ୍ତାଧାରା, ଜାତିର ସୁରକ୍ଷା ବିଷୟରେ ଦର୍ଶାଯାଇଛି । ନବି ମୁହମ୍ମଦ(ସ. ଅ) ଅତ୍ୟାଚାର, ଭ୍ରଷ୍ଟାଚାର , ଅନ୍ଧବିଶ୍ୱାସ ତଥା ଲୋକଙ୍କୁ ଆତଙ୍କିତ କରିବା ଏବଂ ସେମାନଙ୍କୁ ଅନ୍ୟାୟ ଭାବରେ ଆତଙ୍କିତ କରିବା ବିରୁଦ୍ଧରେ ଯୁଦ୍ଧ କରୁଥିଲେ ।

ନବି ମୁହମ୍ମଦ(ସ. ଅ) ସ୍ପଷ୍ଟ କରିଛନ୍ତି ଯେ ଅଲ୍ଲାହ ମନୁଷ୍ୟ ତଥା ପୁରୁଷ ଏବଂ ନାରୀମାନଙ୍କୁ ସମ୍ମାନ ଦେଇଛନ୍ତି ଏବଂ ସମସ୍ତଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିଛନ୍ତି । ସେମାନଙ୍କର ସମସ୍ତ ପସନ୍ଦ, କାର୍ଯ୍ୟ ଏବଂ ଆଚରଣ ପାଇଁ ସେମାନଙ୍କୁ ଦାୟୀ କରିଛନ୍ତି ଏବଂ ଯିଏ ନିଜର କ୍ଷତି କରେ କିମ୍ବା ଅନ୍ୟକୁ କ୍ଷତି ପହଞ୍ଚାଏ ସେଥି ପାଇଁ ସେ ନିଜେ ଦାୟୀ । ଅଲ୍ଲାହ ପୁରୁଷ ଏବଂ ନାରୀମାନଙ୍କୁ ବିଶ୍ୱାସ , ଦାୟିତ୍ୱ ଏବଂ ପୁରସ୍କାର ଦୃଷ୍ଟିରୁ ସମାନ କରିଛନ୍ତି । ଏହି ସମାଜ ମାଆ, ଝିଅ, ସ୍ତ୍ରୀ,ଭଉଣୀ ଭାବରେ ମହିଳାମାନଙ୍କର ବିଶେଷ ଯତ୍ନ ନିଏ।

ନବି ମୁହମ୍ମଦ (ସ. ଅ)ଙ୍କ ଦ୍ୱାରା ଅଣାଯାଇଥିବା ଇସଲାମ ଧର୍ମର ନିୟମ ମନର ସୁରକ୍ଷା କରିବା ଏବଂ ମଦ୍ୟପାନ ଭଳି ତାକୁ ନଷ୍ଟ କରୁଥିବା ଜିନିଷକୁ ନିଷିଦ୍ଧ କରିବା ସହିତ ଆସିଥିଲା। ଇସଲାମ ଅନୁସାରେ ଧର୍ମ ହେଉଛି ଏକ ଆଲୋକ ଯାହା ମନର ପଥକୁ ଆଲୋକିତ କରିଥାଏ । ଯାହା ଦ୍ୱାରା ମନୁଷ୍ୟ ତାର ଅନ୍ତର୍ଦୃଷ୍ଟି ଓ ଜ୍ଞାନ ସହିତ ଏକ ଅଲ୍ଲାହଙ୍କୁ ଉପାସନା କରିବ । ଏହା ସହିତ ଇସଲାମର ନିୟମ ବୁଦ୍ଧିର ସ୍ତରକୁ ବଢାଇଲା ଏବଂ ଏହାକୁ କର୍ତ୍ତବ୍ୟର ଆଧାର ବୋଲି ବିବେଚନା କଲା ଏବଂ ଏହାକୁ ଅନ୍ଧବିଶ୍ୱାସ ଓ ମୂର୍ତ୍ତି ପୂଜା ଯୁଆଳିରୁ ମୁକ୍ତ କଲା।

ଇସଲାମର ନିୟମ ପ୍ରକୃତ ଜ୍ଞାନକୁ ସମ୍ମାନ କରେ, ଅନ୍ଧବିଶ୍ୱାସରୁ ମୁକ୍ତ ବୈଜ୍ଞାନିକ ଅନୁସନ୍ଧାନକୁ ଉତ୍ସାହିତ କରେ । ନିଜ ତଥା ବ୍ରହ୍ମାଣ୍ଡ ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରେ । ବିଜ୍ଞାନର ସଠିକ୍ ଓ ପ୍ରକୃତ ଫଳାଫଳ ମୁହମ୍ମଦ(ସ. ଅ)ଙ୍କ ବାଣୀର ବିପରୀତ ନୁହେଁ ।

ଇସଲାମରେ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ଲୋକଙ୍କ ପାଇଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ସୁବିଧା ସୁଯୋଗ ଦିଆ ଯାଇ ନାହିଁ । କିମ୍ବା ଇସଲାମରେ ଗୋଟିଏ ଜାତି ବା ପିଢ଼ିକୁ ଅନ୍ୟ ଠାରୁ ପ୍ରାଥମିକତା ଦିଆଯାଇଛି ନାହିଁ । ବରଂ ଏହାର ଆଦେଶ ଅନୁସାରେ ସମସ୍ତେ ସମାନ , କେବଳ ଧର୍ମ ବ୍ୟତୀତ । ଅଲ୍ଲାହଙ୍କ ନବି (ସ. ଅ) କୁହନ୍ତି ଯେ ପ୍ରତ୍ୟେକ ଶିଶୁ ପ୍ରକୃତି ଅନୁସାରେ ଜନ୍ମ ହୁଅନ୍ତି ଏବଂ କୌଣସି ମନୁଷ୍ୟ ଭୁଲ ଭାବରେ ବା ଭୁଲ କରିବା ପାଇଁ କିମ୍ବା ଅନ୍ୟର ପାପର ଉତ୍ତରାଧିକାରୀ ଭାବରେ ଜନ୍ମ ହୁଏ ନାହିଁ।

ଅଲ୍ଲାହ ଇସଲାମରେ ଅନୁତାପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ହେଉଛି: ଜଣେ ବ୍ୟକ୍ତି ନିଜ ପ୍ରଭୁଙ୍କ ନିକଟକୁ ଯାଇ ପାପ ତ୍ୟାଗ କରେ ।ଇସଲାମ ମନୁଷ୍ୟର ପୂର୍ବ ପାପ ଗୁଡ଼ିକୁ ନଷ୍ଟ କରିଦିଏ ଏବଂ ଅନୁତାପ ମନୁଷ୍ୟର ପୂର୍ବ ପାପକୁ ଦୂର କରେ । ତେଣୁ ଜଣେ ବ୍ୟକ୍ତିର ମନୁଷ୍ୟ ଜାତି ସାମ୍ନାରେ ପାପ ସ୍ୱୀକାର କରିବା କୌଣସି ଆବଶ୍ୟକତା ନାହିଁ।ଇସଲାମରେ, ମନୁଷ୍ୟ ଏବଂ ଅଲ୍ଲାହଙ୍କ ମଧ୍ୟରେ ସମ୍ପର୍କ ପ୍ରତ୍ୟକ୍ଷ ଅଟେ, ତେଣୁ ନିଜ ଏବଂ ଅଲ୍ଲାହଙ୍କ ମଧ୍ୟରେ କାହାରିକୁ ମଧ୍ୟସ୍ଥି କରିବା ଆବଶ୍ୟକତା ନାହିଁ ।

ମୁହମ୍ମଦ(ସ. ଅ)ଯେଉଁ ନିୟମ ଆଣିଛନ୍ତି , ତାହା ପୂର୍ବରୁ ଆସିଥିବା ସମସ୍ତ ନିୟମକୁ ରଦ୍ଦ କରିଦିଏ । କାରଣ ଇସଲାମର ନିୟମ ଯାହା ନବି ମୁହମ୍ମଦ(ସ. ଅ)ଙ୍କ ଦ୍ୱାରା ଅଣାଯାଇଛି, ତାହା ଶେଷ ଦିନ / କୟାମତ ପର୍ଯ୍ୟନ୍ତ ଶେଷ ନିୟମ ଅଟେ ଏବଂ ଏହି ନିୟମ ସମଗ୍ର ବ୍ରହ୍ମାଣ୍ଡ ପାଇଁ ଅଟେ । ତେଣୁ ଏହା ପୂର୍ବ ନିୟମ ଗୁଡ଼ିକୁ ରଦ୍ଦ କରିଦିଏ, ଯେପରିକି ପୂର୍ବ ନିୟମଗୁଡ଼ିକ ପରସ୍ପରକୁ ରଦ୍ଦ କରି ଦେଉଥିଲା । ଅଲ୍ଲାହ ଇସଲାମର ନିୟମ ବ୍ୟତୀତ ଅନ୍ୟ କୌଣସି ନିୟମକୁ ଗ୍ରହଣ କରନ୍ତି ନାହିଁ ଏବଂ ଇସଲାମ ବ୍ୟତୀତ ଅନ୍ୟ କୌଣସି ଧର୍ମକୁ

ଗ୍ରହଣ କରନ୍ତି ନାହିଁ। ଯିଏ ଇସଲାମ ବ୍ୟତୀତ ଅନ୍ୟ ଧର୍ମକୁ ଗ୍ରହଣ କରିବ , ତାହାକୁ  ଗ୍ରହଣ କରାଯିବ ନାହିଁ  ।ଯିଏ ଇସଲାମର ନିୟମ କାନୁନ ବା ଏହା ବିଷୟରେ ଜାଣିବାକୁ ଚାହେଁ ,ସେ ପବିତ୍ର କୁରାନ ଏବଂ ନବିଙ୍କ ବାଣୀରେ ଏହାକୁ ସନ୍ଧାନ କରିବା ଉଚିତ୍ ।

ଇସଲାମିକ ନିୟମର ଲକ୍ଷ୍ୟ - ଯେପରି  ଈଶ୍ୱରୀୟ ବାର୍ତ୍ତାର ଲକ୍ଷ୍ୟ ଅଟେ - ପ୍ରକୃତ ଧର୍ମ ମାନବିକତା ଠାରୁ ବହୁ ଉଚ୍ଚ ଅଟେ , ଯାହାକି ମନୁଷ୍ୟକୁ ଅଲ୍ଲାହଙ୍କର ଶୁଦ୍ଧ ସେବକ ଭାବରେ ପରିଣତ କରିଥାଏ  ଏବଂ ତାଙ୍କୁ ମନୁଷ୍ୟ, ବସ୍ତୁ କିମ୍ବା ଅନ୍ଧବିଶ୍ୱାସର ଦାସତ୍ୱରୁ ମୁକ୍ତ କରିଦିଏ।

ଇସଲାମର ନିୟମ ସବୁ ସମୟ ଏବଂ ସ୍ଥାନ ପାଇଁ ବୈଧ ଅଟେ, ଏବଂ ଏଥିରେ ଏପରି କିଛି ନାହିଁ ଯାହା ମାନବଜାତିର ସଠିକ ସ୍ୱାର୍ଥ ସହିତ ବିବାଦ କରେ । କାରଣ ଏହା ଅଲ୍ଲାହଙ୍କ ଠାରୁ ପ୍ରକାଶିତ ଏକ ପ୍ରକାଶନ ଯିଏ ଲୋକମାନଙ୍କର ଆବଶ୍ୟକତା ଜାଣନ୍ତି ଏବଂ ଲୋକମାନେ ଏପରି ଏକ ଆଇନ ଆବଶ୍ୟକ କରନ୍ତି ଯାହା ନିଜେ ସଠିକ ଏବଂ ସ୍ପଷ୍ଟ ଅଟେ |ଯାହା ଗୋଟିଏ ଅନ୍ୟର ବିରୋଧ କରେ ନାହିଁ, ମାନବିକତା ପାଇଁ ଲାଭଦାୟକ ଅଟେ ଏବଂ ଏହା କୌଣସି ମନୁଷ୍ୟର ସୃଷ୍ଟି ନୁହେଁ ବରଂ ଏହା ଅଲ୍ଲାହଙ୍କ ଠାରୁ ପ୍ରାପ୍ତ ହୋଇଛି । ଏହା ଲୋକମାନଙ୍କୁ ଭଲ ଏବଂ ମାର୍ଗଦର୍ଶନର ପଥ ଦେଖାଏ। ଯଦି ଲୋକମାନେ ବିଚାର ପାଇଁ ଏହା ନିକଟକୁ ଯାଆନ୍ତି , ତେବେ ତାଙ୍କର ମାମଲା ସିଧା ହେବ ଏବଂ ସେମାନେ  ପରସ୍ପର ପ୍ରତି କ୍ରୁରତାରୁ ରକ୍ଷା ପାଇବେ।

# ୭) ନବି (ସ . ଅ) ଙ୍କ ପ୍ରତି ବିରୋଧୀଙ୍କ ସ୍ଥିତି ହେଉଛି ତାଙ୍କ(ସ . ଅ) ପାଇଁ  ସାକ୍ଷ୍ୟ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରତ୍ୟେକ ନବି / ରସୁଲଙ୍କର ବିରୋଧୀ ଅଛନ୍ତି, ଯେଉଁମାନେ ତାଙ୍କୁ ବିରୋଧ କରନ୍ତି, ତାଙ୍କ ବିରୋଧରେ ଛିଡ଼ା ହୁଅନ୍ତି ଏବଂ ଲୋକମାନଙ୍କୁ ତାଙ୍କ ଉପରେ ବିଶ୍ୱାସ କରିବାକୁ ପ୍ରତିରୋଧ କରନ୍ତି। ନବି ମୁହମ୍ମଦ(ସ. ଅ)ଙ୍କ ଜୀବନରେ ମଧ୍ୟ ବହୁତ ବିରୋଧୀ ଥିଲେ ଏବଂ ଅଲ୍ଲାହ ତାଙ୍କୁ(ସ. ଅ) ସେମାନଙ୍କ ଉପରେ ବିଜୟ ପ୍ରଦାନ କଲେ । ସେହି ଲୋକମାନଙ୍କ ମଧ୍ୟରୁ ପ୍ରାଚୀନ ଏବଂ ଆଧୁନିକ ଅନେକଙ୍କର ସାକ୍ଷ୍ୟ ରହିଛି ଯେ ମୁହମ୍ମଦ(ସ. ଅ) ହେଉଛନ୍ତି  ଜଣେ ନବି ଏବଂ ସେମାନେ ଜାଣନ୍ତି ଯେ ତାଙ୍କର(ସ. ଅ)  ବାର୍ତ୍ତା  ସଠିକ୍ ଅଟେ । ତଥାପି ଅନେକ ଲୋକ ତାଙ୍କ(ସ. ଅ)  ଉପରେ ବିଶ୍ୱାସ କରିବାକୁ ବାରଣ କରନ୍ତି ।ଏହାର କାରଣ ହେଉଛି   ଅନେକ ବାଧା ଯଥା - ସମାଜର ଭୟ , ନେତୃତ୍ୱର ପ୍ରେମ କିମ୍ବା ନିଜର ପଦ ବା ଅର୍ଜନ କରିଥିବା ଧନ ସମ୍ପତ୍ତି ହରାଇବାର ଭୟ ।

ସମସ୍ତ ପ୍ରଶଂସା ଅଲ୍ଲାହ ତାଆଲାଙ୍କ ନିମନ୍ତେ ହିଁ ଉଦ୍ଦିଷ୍ଟ।

ପ୍ରଫେସର ଡ. ମହମ୍ମଦ ବିନ୍ ଅବଦୁଲ୍ଲାହ ଅଲ-ସୁହୈମ ଲେଖିଛନ୍ତି ।

ଇସଲାମିକ୍ ଅଧ୍ୟୟନ  ବିଭାଗରେ ଥିଓରି (ଅକିଦାହ୍)ର ଅବସରପ୍ରାପ୍ତ ପ୍ରଫେସର ।

ଶିକ୍ଷା ମହାବିଦ୍ୟାଳୟ, କିଙ୍ଗ ସଉଦ ବିଶ୍ୱବିଦ୍ୟାଳୟ ।

ରିୟାଜ, ସାଉଦି ଆରବ।

ଇସଲାମର ଧର୍ମପ୍ରଚାରକ /ନବି / ରସୁଲ ମୁହମ୍ମଦ ସଲ୍ଲଲ୍ଲାହୁ ଅଲୈହି ଓ ସଲ୍ଲମ୍ । ........................................................................ 1
୧) ତାଙ୍କର(ସ.ଅ) ନାମ, ବଂଶ, ଏବଂ ସହର ଯେଉଁଠାରେ  ସେ ଜନ୍ମ ହୋଇଥିଲେ ଏବଂ ବଢିଥିଲେ । ........................................ 1
୨)  ଚରିତ୍ରବାନ ତଥା ଉଚ୍ଚ ପାରିବାରର ମହିଳାଙ୍କ ସହ ଶୁଭ ବିବାହ । ................................................................................ 1
୩) ପ୍ରକାଶନର ଆରମ୍ଭ । ........................................................................................................................ 1
୪) ନବି(ସ . ଅ)ଙ୍କର ବାର୍ତ୍ତା । .................................................................................................................... 4
୫) ମୁହମ୍ମଦ(ସ . ଅ)ଙ୍କର ନବି ହେବାର ଚିହ୍ନ ଏବଂ  ପ୍ରଣାମ। ............................................................................ 5
୬) ମୁହମ୍ମଦ (ସ. ଅ)ଙ୍କ ଦ୍ଵାରା ଅଣାଯାଇଥିବା ନିୟମ । .................................................................................... 6
୭) ନବି (ସ . ଅ) ଙ୍କ ପ୍ରତି ବିରୋଧୀଙ୍କ ସ୍ଥିତି ହେଉଛି ତାଙ୍କ(ସ . ଅ) ପାଇଁ  ସାକ୍ଷ୍ୟ । ............................................................ 7